## ସଂକ୍ଷେପରେ

### ନୂଆ ସହକାରୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ



ଚନ୍ଦ୍ରପୁର,୭।୧୧(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ନୂତନ ସହକାରୀ ଶିକ୍ଷା ଅଧିକାରୀ ଭାବେ ସାରଙ୍ଗଧର ନାୟକ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବର୍ତ୍ତମାନ ଚନ୍ଦ୍ରପୁର ବ୍ଲକ୍‌ରେ ୩ ଜଣ ସହକାରୀ ଶିକ୍ଷା ଅଧିକାରୀ ନିଯୁକ୍ତ ଥିବାରୁ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ଚନ୍ଦ୍ରପୁର ବ୍ଲକର ପୂର୍ବତନ ଅଧକ୍ଷ ଭୀମ ଗଗରେଙ୍ଗା ସୂଚନା ଦେଇଛନ୍ତି।

### ବାଇକ୍ ଧକ୍କାରେ ମଇଁଷି ମୃତ, ଚାଳକ ଗୁରୁତର



ଟିକିରି,୭।୧୧(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ରେଙ୍ଗା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ମଇଁଷି ସହ ବାଇକ୍ ଧକ୍କାହେବାରୁ ଚାଳକ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ମଇଁଷିର ମୃତ୍ୟୁ ଘଟିଛି। କାଶୀପୁର ଅଞ୍ଚଳର ଉମେଶ ନାଏକ କୌଣସି କାର୍ଯ୍ୟରେ ଟିକିରି ଆସୁଥିବା ସମୟରେ ରାସ୍ତାରେ ବୁଲୁଥିବା ଏକ ମଇଁଷି ସହ ବାଇକର ଧକ୍କା ହୋଇଥିଲା। ବାଇକ ଚାଳକ ଉମେଶ ଆହତ ହୋଇ ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ଡକାୟତି ଯୋଜନା ପଣ୍ଡ,୭ ଗିରଫ

ଜୟପୁର, ୭।୧୧ (ପବନ ପାଣିଗ୍ରାହୀ)

ଡକାୟତି ଯୋଜନା ଚାଲିଥିବା ବେଳେ ଏହାକୁ ଜୟପୁର ସଦର ପୋଲିସ ପଣ୍ଡ କରିଦେଇଛି। ଏଥିରେ ଜଡ଼ିତ ୭ ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉମୁରି ଗ୍ରାମର ନରେଶ ହରିଜନ, ମକାପୁଟର ସିମନ କୁମଟରିଆ, ନରେନ୍ଦ୍ର କୁମଝୋରିଆ, ଡେଭିଡ ନାଗ, ଲକ୍ଷ୍ମଣ ହରିଜନ, ଅମନ ନାଗ ଓ ବଡମଣ୍ଡାପଦର ଗ୍ରାମର ପ୍ରଦୀପ ଗଣ୍ଡ। ସମସ୍ତଙ୍କ ବୟସ ୧୯ରୁ ୩୨ ବର୍ଷ ମଧ୍ୟରେ ବୋଲି ଜଣାପଡିଛି। ଏମାନଙ୍କଠାରୁ ପୋଲିସ ଦେଶୀ ପିସ୍ତଲ, ଖଣ୍ଡା, ଫାର୍ସା, କୁରାଢ଼ି, ଲୁହା ପଞ୍ଚ, ବ୍ଲାକ ମାସ୍କ, ୯ ହାଜର ୧ ଶହ ଟଙ୍କା, ୭ଟି ମୋବାଇଲ ଫୋନ ଏବଂ ୨ଟି ବାଇକ୍ ଜବତ କରିଛି। ସଦର ପୋଲିସ ଆମ୍ବାଗୁଡାଠାରେ ପାଟ୍ରୋଲିଂ କରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ଡକାୟତି କୁମୁଲିପୁଟ ହାଟରେ ବସି ଯୋଜନା କରୁଥିବା ନେଇ ପୋଲିସ ସୂଚନା ପାଇଥିଲା। ସେମାନେ ହରଡାପୁଟ ପେଟ୍ରୋଲ ପମ୍ପରେ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରି ସେମାନଙ୍କୁ ଧରିଥିଲା ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ଅପହଞ୍ଚ ଟଙ୍କପାଇ ଗ୍ରାମକୁ ରାସ୍ତା ନାହିଁ

ରାୟଗଡ଼ା,୭।୧୧(ଆଶିଷ ରଞ୍ଜନ ପଣ୍ଡା)

ବକ୍ସାଇଟ ଖଣି ପାଇଁ ବିଶ୍ୱରେ ପରିଚିତ ରାୟଗଡ଼ା ଜିଲା କାଶୀପୁର ବ୍ଲକର ବହୁ ଗ୍ରାମକୁ ଆଜି ବି ଗମନାଗମନ ବ୍ୟବସ୍ଥା ଅପହଞ୍ଚ। ଖଣିଜ ସମ୍ପଦରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଥିଲେ ମଧ୍ୟ କାଶୀପୁର ବ୍ଲକର ଗୋଡ଼ିବାଲି ପଞ୍ଚାୟତ ଅନ୍ତର୍ଗତ ଟଙ୍କପାଇ ଗ୍ରାମକୁ ପକ୍କାରାସ୍ତା ଖଣ୍ଡିଏ ନାହିଁ। ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ବିଫଳ ହେବା ପରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସି ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଗାଁକୁ ପକ୍କାରାସ୍ତା ନିର୍ମାଣ ପାଇଁ ନିବେଦନ କରିଛନ୍ତି।

ଗୋଡ଼ିବାଲି ପଞ୍ଚାୟତ ଅନ୍ତର୍ଗତ ଟଙ୍କପାଇ ଗ୍ରାମରେ ପିଢ଼ି ପରେ ପିଢ଼ି ଧରି ୧୨ ପରିବାର ରହୁଛନ୍ତି। ହେଲେ ଏହି ଗାଁକୁ ଭଲ ରାସ୍ତା ନ ଥିବାରୁ ନିଜର ଦୈନନ୍ଦିନ ଜୀବନଯାପନ ଓ ବୃତ୍ତି ପାଇଁ ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ ରେଳଲାଇନ ପାରିହୋଇ ଯାତାୟାତ କରୁଛନ୍ତି। ଗାଁକୁ ଅନ୍ୟ ରାସ୍ତା ଦେଇ ଗଲେ ପ୍ରାୟ ୪୦କି.ମି. ଦୂର ଯାତ୍ରା କରିବାକୁ ପଡୁଥିବାରୁ ଲୋକେ



ରେଳଲାଇନ ଦେଇ ଗାଁକୁ ଫେରୁଛନ୍ତି ଟଙ୍କପାଇ ଗ୍ରାମର ମହିଳାମାନେ।



ଜଙ୍ଗଲ ରାସ୍ତା ଦେଇ ଗ୍ରାମବାସୀ ଯାଉଛନ୍ତି।

ରେଳଲାଇନ ପାରିହୋଇ ଯିବାଆସିବା କରିବାକୁ ବାଧ ହୋଇଥାନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁରେ ମାତ୍ର ୧୨ଟି ପରିବାର ରହୁଥିବାରୁ ଆମ ଗାଁ ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଆମକୁ କୌଣସି ସରକାରୀ ସୁବିଧା ଠିକ୍‌ରେ ମିଳିପାରୁନାହିଁ। ଚାଉଳ, କିରୋସିନ ଆଦି ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ରେଳଲାଇନ ଓ ରେଳ ସୁଡ଼ଙ୍ଗ ଦେଇ ଗଲେ କିଛି ଦୂର କମ୍ ଯାତ୍ରା କରିବାକୁ ପଡୁଛି। ଏ ନେଇ ବ୍ଲକ ପ୍ରଶାସନଠାରୁ ଆରମ୍ଭକରି ସମସ୍ତେ ଜାଣିଥିଲେ ମଧ୍ୟ କେହି ବି ସହାୟତାର ହାତ ବଢ଼ାଉନାହାନ୍ତି। ଗ୍ରାମକୁ ରାସ୍ତା କରିଦେବେ କହି କାଶୀପୁର

## ଯାତାୟାତରେ ବାଧକ ରେଳଲାଇନ

ବ୍ଲକରେ କାର୍ଯ୍ୟରତ ଜଣେ ଯନ୍ତ୍ରୀ ୫ହଜାର ଟଙ୍କା ମାଗି ନେଲେ। ହେଲେ ଗଲା ପରେ ଆଉ ତାଙ୍କର ଦେଖା ମିଳିଲା ନାହିଁ କି ରାସ୍ତା ନିର୍ମାଣ ହେଲା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳିକି ଗ୍ରାମରେ ପାନୀୟ ଜଳ ସୁବିଧା ପାଇଁ ଗୋଟିଏ ବୋର୍‌ୱେଲ ନାହିଁ କି ଅନ୍ଧାର ଦୂର କରିବା ପାଇଁ ସୋଲାର ଲାଇଟର ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ ନିରୂପାୟ ହୋଇ ଶେଷରେ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବୋଲି ଗ୍ରାମବାସୀ କହିଛନ୍ତି। ଅଭିଯୋଗ ପାଇବା ପରେ ଜିଲାପାଳ ସ୍ୱାଧାଦେବ ସିଂ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଟଙ୍କା ଦେଇଥିବା ସମ୍ପର୍କରେ ତଦନ୍ତ କରିବା ସହ ଗ୍ରାମବାସୀଙ୍କୁ କିଭଳି ସମସ୍ତ ମୌଳିକ ସୁବିଧା ମିଳିବ ସେ ନେଇ ସମାଧାନ କରିବାକୁ ଆଶ୍ୱାସନା ଦେଇଛନ୍ତି। ତେବେ ଗାଁକୁ ପକ୍କାରାସ୍ତା ନ ହେଲେ ମଧ ମାଟି ରାସ୍ତାର ଶୀଘ୍ର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ପଞ୍ଚାୟତ ପ୍ରତିନିଧି

ଗୁଣପୁର,୭।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବ୍ଲକର ପଞ୍ଚାୟତସ୍ତରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତ ପ୍ରତିନିଧିମାନଙ୍କ ପ୍ରସ୍ତାବକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ଜନ ପ୍ରତିନିଧିମାନେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଲୋକ ପ୍ରତିନିଧିମାନେ ୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧକ୍ଷ ଭି.କେ. ପାଣ୍ଡିଆନଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଥିବା କହିଛନ୍ତି।

ବ୍ଲକ ଅଧକ୍ଷା ଅଧକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ଜିଲା ପରିଷଦ ସଭ୍ୟ ଇଜାନ ଗମାଙ୍ଗ ଓ କୁନି ନିମାଲାଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଭେଟି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତସ୍ତରରେ ଲୋକ ପ୍ରତିନିଧିମାନଙ୍କୁ ଅଣଦେଖା କରି ବିଭିନ୍ନ ପ୍ରକଳ୍ପ ମଞ୍ଜୁର ହୋଇଥିବା ଅଭିଯୋଗ କରିଛନ୍ତି। ଭିତ୍ତିଭୂମି ନ ଥିବା ଓ ପୂର୍ବରୁ ଅନ୍ୟ ଅନୁଦାନରେ ପ୍ରକଳ୍ପ ହୋଇ ସାରିଥିବା ସ୍ଥାନରେ ଏବେ ପୁଣି ପ୍ରକଳ୍ପଗୁଡ଼ିକ ମଞ୍ଜୁର ହୋଇଛି। ପଲ୍ଲିସଭା, ଗ୍ରାମସଭା କରା ନ ଯାଇ ପ୍ରକଳ୍ପ ତାଲିକା ପ୍ରସ୍ତୁତି କରାଯାଇଥିବା

## ଆମ ଓଡ଼ିଶା ନବୀନ ଓଡ଼ିଶା ମଞ୍ଜୁର ପ୍ରକଳ୍ପକୁ ନେଇ ଅସନ୍ତୋଷ

ଅଭିଯୋଗ କରିଛନ୍ତି। ତୃଣମୂଳସ୍ତରର ବାସ୍ତବତାକୁ ନଜରକୁ ନେଇ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦମାନେ ଯେଉଁ ସବୁ ପ୍ରସ୍ତାବ ଦେଇଥିଲେ ସେଥିରୁ ଗୋଟିଏ ବି କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଆଲୋଚନା ବେଳେ ଘନାନ୍ତ୍ରୀ ସରପଞ୍ଚ ନୀଳକଣ୍ଠ ଶବର, ଭୀମପୁର ସମିତିସଭ୍ୟ ଅନାମ ଶବର, ଉମ୍ପସରା ସରପଞ୍ଚ ସନ୍ତୋଷୀ ଶବର, ବାଘଶଳା ସରପଞ୍ଚ କମଳା ଶବର, ସମିତିସଭ୍ୟା ନାଗେଶ୍ୱରୀ ଶବର, ଚାଲକମ୍ବା ସରପଞ୍ଚ ପ୍ରଭାତୀ ଶବର, ସିରିଝୋଲି ସମିତିସଭ୍ୟା ନୀଳାବତୀ ଶବର, ଗଟଳପଦର ସରପଞ୍ଚ ମାଣ୍ଡାଙ୍ଗୀ ଶ୍ରୀମତୀ, ଗାଦିଆଖଳା ସମିତିସଭ୍ୟା ଅନୁ ମାଣ୍ଡାଙ୍ଗୀ, ସରପଞ୍ଚ ରବି ଶବର, ରେଗେଡା ସମିତିସଭ୍ୟା ବାସନ୍ତୀ କଲକା, କୁଲୁସିଂ ସମିତିସଭ୍ୟା ତାମନି ଗମାଙ୍ଗ, ଜଲତାର ସମିତିସଭ୍ୟ ଜଗଦୀଶ ଶବର, ଟଲଣା ସରପଞ୍ଚ ସନ୍ତୋଷ ଶବର, ପୁଟାସିଂ ସମିତିସଭ୍ୟା ସଲମନ ଗମାଙ୍ଗ, ଶଗଡା ସମିତିସଭ୍ୟ ମଞ୍ଜିତ ଶବର, ଆବଡା ସମିତିସଭ୍ୟ ଇଶ୍ର ଶବର, ଭୀମପୁର ସରପଞ୍ଚ ଚକ୍ର ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିତ୍ୟ ଆଲୁମିନା ବିସ୍ଥାପିତଙ୍କ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବିସ୍ଥାପିତ ଓ କ୍ଷତିଗ୍ରସ୍ତମାନେ।

ରାୟଗଡ଼ା,୭।୧୧(ଆଶିଷ ରଞ୍ଜନ ପଣ୍ଡା)

କଂସାରିଗୁଡ଼ାଠାରେ ଆଦିତ୍ୟ ଆଲୁମିନା କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଥିବାରୁ ଅଞ୍ଚଳର ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାର ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ମଙ୍ଗଳବାର ୩ ଦଫା ଦାବିପତ୍ର ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଡିପି ମାନ୍ୟତା ପ୍ରଦାନ କରିବା, ଆର୍‌ପିଡିଏସ୍ ବୈଠକକୁ ଶୀଘ୍ର କରିବା ଏବଂ ଅଞ୍ଚଳର ରାସ୍ତାଗୁଡ଼ିକର ବିକାଶ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ଡିପି ମାନ୍ୟତା ପାଇ ନ ଥିବା ୯ଜଣଙ୍କୁ ମାନ୍ୟତା ଦେବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଆଦିତ୍ୟ ଆଲୁମିନା ବିକାଶ ପରିଷଦ ସଭାପତି ଦୌଲରତ୍ନ ଚୌଧୁରୀ ଏବଂ ଆର୍‌ପିଡିଏସ୍ ସଦସ୍ୟ ରାଜେନ୍ଦ୍ର ଦୁରିଆ, କଂସାରି ଜାନି, ପୂର୍ବତନ ଜିଲା ପରିଷଦ ସଦସ୍ୟ ନୀଳ ଝୋଡ଼ିଆ, ପୂର୍ବତନ ସରପଞ୍ଚ ଅଞ୍ଜି ମାଝି, ଜମିହରା ସୁନ୍ଦର ବାଗ, ସଦା ଝୋଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

### ବହୁରାଷ୍ଟ୍ରୀୟ ମୁଦ୍ରା ପ୍ରଦର୍ଶନୀ

କୋରାପୁଟ,୭।୧୧(ଅମିତାଭ ବେହେରା)

କୋରାପୁଟ ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବହୁରାଷ୍ଟ୍ରୀୟ ମୁଦ୍ରା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଦୀପକ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଦ୍ରା ସଂଗ୍ରାହକ ମିତେଶ ରଞ୍ଜନ ସାହୁଙ୍କ ସଂଗୃହୀତ ୨୦୦୦ରୁ ଊର୍ଦ୍ଧ୍ୱ ମୁଦ୍ରା ଓ ୨୫୦୦ରୁ ଊର୍ଦ୍ଧ୍ୱ ନୋଟ୍ ପ୍ରଦର୍ଶିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ରହି ୧୬୦ରୁ ଊର୍ଦ୍ଧ୍ୱ ଦେଶର ମୁଦ୍ରାକୁ ଜାଣିବାର ସୁଯୋଗ ପାଇଥିଲେ। ପ୍ରଦର୍ଶନୀରେ ଭାରତର ବିଭିନ୍ନ ଗଡ଼ଜାତ ରାଜ୍ୟଗୁଡ଼ିକର ମୁଦ୍ରା ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଡ. କୁଳଦୀପ ଲାକ୍ରା, ଡ. ସୁଶୀଲ ଗଡ଼ନାୟକ, ସୁଜାତା ଷଡ଼ଙ୍ଗୀ, ଶିବରାମ ବଡରଇତ, ଅର୍ଜୁନ ଚରଣ ବେହେରା, କୋବିଦ ପ୍ରଧାନ ପ୍ରମୁଖ ଉପସ୍ଥିତି ରହି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଦେଶର ମୁଦ୍ରା ସମ୍ପର୍କରେ ବୁଝାଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଧାପକ ଡ. ପ୍ରକାଶ ପ୍ରଧାନ ଏହି ପ୍ରଦର୍ଶନୀ ଆୟୋଜନ କରିଥିଲେ। ଅଧାପକ ଏମ୍. ଦୀପକ କୁମାର, ଶିବଶଙ୍କର ପଟ୍ଟନାୟକ, ଗୌତମୀ ବାଇ, ପ୍ରଜ୍ଞା ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ।

# ଜମି ପଟ୍ଟା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚେକାଗୁଡ଼ାର ଝୋଲା ସାହି ବାସିନ୍ଦା।

ରାୟଗଡ଼ା,୭।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌର ପରିଷଦ ଅଧୀନ ୱାର୍ଡ଼ ନଂ. ୧୪ରେ ବାପା ଜେଜେବାପା ଅମଳରୁ ରହିଆସୁଛନ୍ତି ଗରିବ ଖଟିଖିଆ। ସେମାନେ ସମସ୍ତେ ଅଶିକ୍ଷିତ ହୋଇଥିବାରୁ ଦୀର୍ଘଦିନରୁ ସରକାରୀ ଜାଗାରେ ଘର କରି କୁଲି ମଜୁରି କରି ପରିବାର ପୋଷଣ କରୁଛନ୍ତି। ହେଲେ ପଟ୍ଟା ନ ଥିବାରୁ ଆବାସ ଯୋଜନାରେ ନିଜକୁ ସାମିଲ କରିପାରୁନାହାନ୍ତି। ଜମିପଟ୍ଟା ପାଇଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଆବାସ ଯୋଜନାରେ ସାମିଲ ହୋଇପାରିବେ। ତେଣୁ ଜମି ପଟ୍ଟା ପାଇଁ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଛନ୍ତି।

ପୌରାଞ୍ଚଳର ୧୪ ନଂ. ୱାର୍ଡ ଅନ୍ତର୍ଗତ ଚେକାଗୁଡ଼ାର ଝୋଲାସାହି ବାସିନ୍ଦା ଦୀର୍ଘଦିନରୁ ଉକ୍ତ ଅଞ୍ଚଳରେ ସରକାରୀ ଜମିରେ ରହିଆସୁଛନ୍ତି। ହେଲେ ସେମାନେ ରହୁଥିବା ଜମି ପଟ୍ଟା ନ ଥିବାରୁ ପକ୍କାଗୃହ ଖଣ୍ଡିଏ ନିର୍ମାଣ ପାଇଁ ସରକାରଙ୍କ ବିଜୁ ପକ୍କାଘର, ମୋ ଘର, ଆବାସ ଯୋଜନା ଭଳି ଜନହିତକର ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସେମାନଙ୍କୁ ଉକ୍ତ ଜମିର ପଟ୍ଟା ପ୍ରଦାନକଲେ ସେମାନେ ବିଭିନ୍ନ ସରକାରୀ ସହାୟତାର ଲାଭ ଉଠାଇପାରିବେ ବୋଲି କହିଛନ୍ତି। ଅଭିଯୋଗପତ୍ର ପାଇବା ପରେ ଜିଲାପାଳ ସ୍ୱାଧାଦେବ ସିଂ ପୌର ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦଙ୍କ ସହ ଏ ନେଇ ଆଲୋଚନା କରିବା ସହିତ ସମସ୍ୟା ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।

# ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଗୁଣପୁର,୭।୧୧,(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ଅନସୂୟା ମାଝି ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ୨ଦିନ ଧରି ହେବାକୁ ଥିବା ଏହି ବ୍ଲକସ୍ତରୀୟ କ୍ରୀଡା ଉତ୍ସବରେ ପ୍ରାୟ ୩ ଶହ କ୍ରୀଡ଼ାପ୍ରେମୀ ଅଂଶ ଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଭଲିବଲ, ଖୋକୋ, ବ୍ୟାଡ୍‌ମିଣ୍ଟନ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଭଲିବଲ ପ୍ରତିଯୋଗିତାରେ ଫାଇନାଲରେ କୁଲୁସିଙ୍ଗ ଏବଂ ଆବଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କୁଲୁସିଙ୍ଗ ଦଳ ବିଜୟୀ ହୋଇ ଥିଲେ। ସେହିଭଳି ଖୋକୋରେ ଉମ୍ପସରା ଏବଂ ରେଗେଡା ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିବା ବେଳେ ଉମ୍ପସରା ଦଳ ବିଜୟୀ ହୋଇଥିଲା। ବ୍ୟାଡ୍‌ମିଣ୍ଟନରେ ରେଗେଡା ଏବଂ ଶଗଡା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ରେଗେଡା ବିଜୟୀ ହୋଇଛି। ବୁଧବାର କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହେବା ନେଇ ସୂଚନା ମିଳିଛି।



କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ସରିଲା କାର୍ଯ୍ୟକ୍ରମ, ସଫା ହେଲାନି ସଭାସ୍ଥଳ

ଟିକିରି,୭।୧୧ (ପ୍ରଫୁଲ୍ଲ କୁମାର ବେହେରା)

ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ପରିତାପର ବିଷୟ ରାୟଗଡା ଜିଲା କାଶୀପୁର ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶେଷ ହେବାର ପ୍ରାୟ ସପ୍ତାହେ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସଭାସ୍ଥଳ ସଫା ହୋଇପାରିନାହିଁ। ସଭାସ୍ଥଳରେ ଅନେକ ବ୍ୟବହୃତ ଜିନିଷପତ୍ର ଏଣେତେଣେ ପଡି ଏକ ପ୍ରକାର ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। କାର୍ଯ୍ୟକ୍ରମରେ ଶତାଧିକ ଲୋକ ଯୋଗଦେଇ ଖାଇପିଇ ଯାଇଥିବାବେଳେ ସେମାନେ ବ୍ୟବହାର କରିଥିବା ଖଲିଦନା, ମଦ ବୋତଲ ଏ ପର୍ଯ୍ୟନ୍ତ ଏଣେତେଣେ ପଡିଛି ରହିଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ବ୍ଲକ୍ ପ୍ରଶାସନ ଆୟୋଜନ କରିଥିଲେ। ତେଣୁ ସଭାସ୍ଥଳ ସଫେଇ ନେଇ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ସଭାରେ ବ୍ୟବହାର ହୋଇଥିବା ଖଲିଦନା, କାଗଜପତ୍ର ପଡିଛି ରହିଛି।

# କ୍ରୀଡ଼ା ଉତ୍ସବରେ ଭାଗନେଲେ ୧୭ ପଞ୍ଚାୟତ ଖେଳାଳି

ମୁନିଗୁଡ଼ା, ୭।୧୧(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ମୁନିଖୋଲ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ଦୁଇଦିନିଆ ଆଦିବାସୀ କ୍ରୀଡ଼ା - ୨୦୨୩ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ମୁନିଗୁଡ଼ା ଗୋଷ୍ଠୀ ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଏହି କ୍ରୀଡ଼ା ଉତ୍ସବ ଆୟୋଜିତ ହେଉଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଦୁଃଖିନୀ ନୁଣ୍ଡୁରୁକା, ସମ୍ମାନିତ ଅତିଥି ରୂପେ ପାତ୍ରଗୁଡ଼ା ସରପଞ୍ଚ ଅନନ୍ତ ନୁଣ୍ଡୁରୁକା, ତେଲେଙ୍ଗା ପଦର ସରପଞ୍ଚ ଉପେନ୍ଦ୍ର ସିକକା, ସମିତି ସଭ୍ୟ ଅନଙ୍ଗ ନାଗ, ଘମଟଗୁଡ଼ା ସରପଞ୍ଚ ଅନନ୍ତ ନନ୍ଦୁକା, ଶିବାପଦର ସରପଞ୍ଚ ପ୍ରକାଶ କରସିକା, ଆଗୁଳ ସମିତି ସଭ୍ୟ ସୁବାସ ପ୍ରାସ୍କା, ପୂର୍ବତନ ସରପଞ୍ଚ ଗୌରାଙ୍ଗ ପିଡିକାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଭରତ ଭୋଇ ପ୍ରମୁଖ ଯୋଗଦେଇ ଆଦିବାସୀ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା ମହୋତ୍ସବରେ ବାଳକ ଓ ବାଳିକା ବର୍ଗରେ କ୍ରୀଡ଼ା ନିରୂପଣ କରାଯାଇଛି। ବାଳକଙ୍କ କ୍ରିକେଟ ପାଇଁ ୧୨ଟି ଦଳ ଓ ଭଲିବଲ ପ୍ରତିଯୋଗିତା ପାଇଁ ୮ଟି ଦଳ ଭାଗ ନେଇଥିବା ବେଳେ ବାଳିକାଙ୍କ ପାଇଁ ବ୍ୟାଡ୍‌ମିଣ୍ଟନ, ଖୋକୋ ଇତ୍ୟାଦି ପ୍ରତିଯୋଗିତାର ବ୍ୟବସ୍ଥା କରାଯାଇଛି। ମୁନିଗୁଡ଼ା ବ୍ଲକର ୧୭ଟି ପଞ୍ଚାୟତର ଉଦୀୟମାନ ଖେଳାଳିମାନେ ଏହି କ୍ରୀଡ଼ା ମହାକୁମ୍ଭରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇବା ସହ ଜିଲା ଓ ରାଜ୍ୟ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିବେ। କ୍ରୀଡ଼ା ଶିକ୍ଷକ ମନୋଜ ପାଢ଼ୀ, ସୁଶ୍ରୀ ପ୍ରଭାତୀ ଟୁଙ୍ଗୋ, ସଞ୍ଜୀବ କାଡ୍ରାକା, ଜାଙ୍କସ ଶେଖର ଜେନା, ସୁଧାଂଶୁ ଦାସ ପ୍ରମୁଖ କ୍ରୀଡ଼ା ପରିଚାଳନା କରୁଥିଲେ।



କ୍ରୀଡ଼ା ଉତ୍ସବରେ ଭାଗନେଇଥିବା ଖେଳାଳିମାନେ।

# ଥଣ୍ଡା ନାହିଁ, ଶୀତବସ୍ତ୍ର ବ୍ୟବସାୟୀଙ୍କ ବେପାର ମାନ୍ଦା

## ବଢୁଛି ଅନ୍‌ଲାଇନ ମାର୍କେଟିଂ ଚାହିଦା

ରାୟଗଡ଼ା,୭।୧୧(ଭାଗ୍ୟଶ୍ରୀ ମିଶ୍ର)

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଶୀତଦିନ ଆରମ୍ଭରୁ ଶୀତବସ୍ତ୍ର ବେପାରୀଙ୍କ ଭିଡ଼ ଦେଖିବାକୁ ମିଳିଛି। ରାୟଗଡ଼ା ସହରର ବ୍ଲକ ଅଫିସ ଛକ, ମେଡିକାଲ ସମ୍ମୁଖ, ରେଳ ଷ୍ଟେଶନ ନିକଟ, ତୃପ୍ତି ହୋଟେଲ ଛକ ଲାଇନରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶରୁ ଶୀତବସ୍ତ୍ର ବ୍ୟବସାୟୀମାନେ ଆସି ଡେରା ପକାଇଛନ୍ତି। କିନ୍ତୁ ଚଳିତ ବର୍ଷ କମ୍ ଶୀତ ଅନୁଭୂତ ହେଉଥିବାରୁ ଶୀତବସ୍ତ୍ର ବ୍ୟବସାୟ ମାନ୍ଦା ଥିବା ବ୍ୟବସାୟୀମାନେ କହିଛନ୍ତି।



ରାୟଗଡ଼ା ବ୍ଲକ ଅଫିସ ଛକରେ ପଡ଼ିଥିବା ଶୀତବସ୍ତ୍ର ଷ୍ଟଲ୍।

ଅକ୍ଟୋବରରୁ ଫେବୃୟାରୀ ପର୍ଯ୍ୟନ୍ତ ଏହି ବ୍ୟବସାୟୀମାନେ ରାୟଗଡା ଆସି ରାସ୍ତା କଡରେ ଷ୍ଟଲ ଲଗାଇ ବ୍ୟବସାୟ କରିଥାନ୍ତି। ସେମାନଙ୍କ ନିକଟରେ ୧୦୦ ଟଙ୍କାରୁ ଆରମ୍ଭ କରି ୩ହଜାର ଟଙ୍କା ପର୍ଯ୍ୟନ୍ତ କମ୍ବଳ ରହିଥିବା ବେଳେ ଛୋଟ ପିଲାଙ୍କ ପାଇଁ ସ୍ୱେଟର, କ୍ୟାପ୍ ଇତ୍ୟାଦି ରହିଛି। ଗତ ବର୍ଷ ଏହି ସମୟରେ ପ୍ରାୟ ୨୫ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୦ ହଜାର ଟଙ୍କାର ମଧ ବ୍ୟବସାୟ ହୋଇ ନ ଥିବା ଜଣେ ବ୍ୟବସାୟୀ ଧୀରେନ ସିଂ କହିଛନ୍ତି। ଲୋକେ ଏବେ ଅନ୍‌ଲାଇନ ଶପିଂକୁ ଅଧିକ ପସନ୍ଦ କରୁଥିବାରୁ ଆମ ବ୍ୟବସାୟ ମାନ୍ଦା ପଡ଼ିଥିବା ଅନ୍ୟ ଜଣେ ବ୍ୟବସାୟୀ ୟାବୁକ କହିଛନ୍ତି। ଦୀର୍ଘ ୨୫ରୁ ଊର୍ଦ୍ଧ୍ୱ ବର୍ଷ ହେବ ପ୍ରତ୍ୟେକ ବର୍ଷ ଏଠାକୁ ଆସି ବ୍ୟବସାୟ କରୁ ହେଲେ, ଗତ କିଛି ବର୍ଷ ହେଲା ଅନ୍‌ଲାଇନରେ ଲୋକେ ଅଧିକ ସକ୍ରିୟ ରହୁଥିବାରୁ ଗ୍ରାହକଙ୍କ ସଂଖ୍ୟା କମିଥିବା ସେ କହିଛନ୍ତି। ଏବେ ରାୟଗଡ଼ାରେ ୩୩ ଡିଗ୍ରୀ ତାପମାତ୍ରା ଥିବାରୁ ଅଧିକ ଥଣ୍ଡା ବଢ଼ିଲେ ଗ୍ରାହକ ଆସିବେ ବୋଲି ବ୍ୟବସାୟୀ ଆଶା କରୁଛନ୍ତି।

## ମିଟର ରିଡିଂ ବେଳେ ବିଦ୍ୟୁତ୍ କର୍ମଚାରୀଙ୍କୁ କାମୁଡ଼ିଲା ସାପ

ଚନ୍ଦାହାଣ୍ଡି, (ଦିଲୀପ ଦାସ)- ବିଦ୍ୟୁତ୍ ବିଭାଗ ମିଟର ରିଡର ଗଙ୍ଗାଧର ସେଠୀ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅଧୀନ ଧୁରୁଆପଡ଼ା ଗ୍ରାମର ସମରଥ ସୁନାଙ୍କ ଘରେ ମିଟର ରିଡିଙ୍ଗ ନେଉଥିଲେ। ଏହି ସମୟରେ ଏକ ସାପ ତାଙ୍କ ଡାହାଣ ହାତ ଆଙ୍ଗୁଠିକୁ କାମୁଡି ଦେବାରୁ ସେ ଅଚେତ ହୋଇ ପଡ଼ିଯାଇଥିଲେ। ପାଖରେ ଥିବା ସହ କର୍ମୀମାନେ ଗଙ୍ଗାଧରଙ୍କୁ ଚିକିତ୍ସା ପାଇଁ ସାପ ସହ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ସାହୁ, ଆରପିଓ ପ୍ରଣବ ବେହେରା ଏବଂ ଅନ୍ୟ କର୍ମଚାରୀମାନେ ଡାକ୍ତରଖାନା ଯାଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଗଙ୍ଗାଧର ଚିକିତ୍ସା ପରେ ସୁସ୍ଥ ହେଉଥିବା ଜଣାପଡିଛି।

## ସଂକ୍ଷେପରେ

### ଭତ୍ତା ବଢ଼ାଇବାକୁ ଦାବିପତ୍ର



ଜୟପୁର, ୭ା୧୧ (ପବନ ପାଣିଗ୍ରାହୀ)

ବିଭିନ୍ନ ଭତ୍ତା ପାଉଥିବା ହିତାଧିକାରୀ ମଙ୍ଗଳବାର ସେମାନଙ୍କ ଭତ୍ତା ବୃଦ୍ଧି କରିବାକୁ ଦାବି କରିଛନ୍ତି। ସାମାଜିକ କର୍ମୀ ବି. ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରଭାତ ପରିଡାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦେଶର ବିଭିନ୍ନ ରାଜ୍ୟରେ ଯେପରି ଅଧିକ ଭତ୍ତାରାଶି ପ୍ରଦାନ କରାଯାଉଛି ସେହିପରି ଓଡିଶାରେ ପ୍ରଦାନ କରାଯିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ୟ ରାଜ୍ୟରେ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମମାନଙ୍କୁ ମିଳୁଥିବା ଭତ୍ତା ରାଶିରେ ସେମନେ ସୁରୁଖୁରୁରେ ଚଳିପାରୁଥିବା ବେଳେ ଆମ ରାଜ୍ୟରେ ମିଳୁଥିବା ଭତ୍ତାରେ ସେମାନଙ୍କ ସାଧାରଣ ଅଭାବ ମଧ୍ୟ ପୂରଣ ହୋଇପାରୁନାହିଁ ବୋଲି ଏଥିରେ କୁହାଯାଇଛି। ଏହି ଦାବି ପତ୍ରର ନକଲ ୫-ଟି ଅଧକ୍ଷଙ୍କ ନିକଟକୁ ମଧ୍ୟ ପଠାଯାଇଛି।

### ଭାରସ୍ୟାମ ହରାଇ ଓଲଟିଲା ଟ୍ରକ୍

ଜୟପୁର, ୭ା୧୧ (ପବନ ପାଣିଗ୍ରାହୀ)- ଭାରସ୍ୟାମ ହରାଇ ଓଲଟିଲା ଟ୍ରକ୍। ଜୟପୁର ସଦର ଥାନା ଅନ୍ତର୍ଗତ ପାତ୍ରପୁଟଠାରେ ମଙ୍ଗଳବାର ଏକ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିଛି। ମାଲକାନଗିରି ଅଭିମୁଖେ ଯାଉଥିବା ବେଳେ ଏପରି ଦୁର୍ଘଟଣା ଘଟିଛି। ଏଥିରେ ହେଲ୍ପର ଆହତ ହୋଇଛନ୍ତି। ଖବରପାଇ ସଦର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ୪୧ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

ନନ୍ଦପୁର, ୭ା୧୧ (ଶଙ୍କର ପୂଜାରୀ)



ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ୪୧ ଜଣ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗୀ କମ୍ବଳ ବଣ୍ଟନ କରିଛନ୍ତି। ଏହି ଅବସରରେ ସେମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଆଗକୁ ଏପରି ଶହେଜଣ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ସହାୟତା ପ୍ରଦାନ କରାଯିବା ତାଙ୍କ ଲକ୍ଷ୍ୟ ରହିଛି ବୋଲି ପାଙ୍ଗୀ କହିଛନ୍ତି। ଏହି କାର୍ଯ୍ୟରେ ସ୍ଥାନୀୟ ଯୁବକ ଓ ମନ୍ଦିରର ପୂଜକ ପ୍ରଦୀପ ଦାଶ ଓ ଅନିଲ ପଣ୍ଡା ସହଯୋଗ କରିଥିଲେ।

# ବିଡିଓଙ୍କ ସହ ଆଲୋଚନାକଲେ ୧୪ ସରପଞ୍ଚ

**ପରବ କାର୍ଯ୍ୟକ୍ରମରେ ସରପଞ୍ଚଙ୍କୁ ଅଣଦେଖା ଅଭିଯୋଗ**

- ପରବରେ ସାମିଲ ନ ହେବାକୁ ନେଇଛନ୍ତି ନିଷ୍ପତ୍ତି
- ଆଗକୁ ଏପରି ହେବନାହିଁ ପ୍ରତିଶ୍ରୁତି ଦେଇ ବୁଝାଇଲେ ବିଡିଓ
- ଗ୍ରାମରୁ ସହର ଯାଏ ସବୁଠି ଉତ୍ସବର ମାହୋଲ

କୋରାପୁଟ,୭ା୧୧(ଅମିତାଭ ବେହେରା)

କୋରାପୁଟ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଆଦିବାସୀ ମହୋତ୍ସବ ପରବ। ଏହି ପରବ ପାଇଁ ଏବେ ଜିଲାର ଗ୍ରାମରୁ ସହରଯାଏ ସବୁଠି ଉତ୍ସବର ମାହୋଲ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଏହିପରବର ମୁଖ୍ୟ ଲକ୍ଷ୍ୟ। ପ୍ରତିପଞ୍ଚାୟତରେ ଲୁକ୍କାୟିତ ପ୍ରତିଭଙ୍କୁ ପରବ ମଞ୍ଚରେ ସାମିଲ କରାଯିବ ଅଥଚ କୋରାପୁଟ ବ୍ଲକରେ ରହିଥିବା ୧୪ଟି ପଞ୍ଚାୟତର ସରପଞ୍ଚମାନଙ୍କୁ ପରବ କାର୍ଯ୍ୟକ୍ରମରେ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ପରବ ପାଇଁ ହୋଇଥିବା ବୈଠକରେ ମଧ୍ୟ ସେମାନଙ୍କୁ ଅଣଦେଖା କରାଯାଉଛି। ପଞ୍ଚାୟତଗୁଡିକରେ ସରପଞ୍ଚମାନଙ୍କୁ ଅଣଦେଖା କରାଯାଇ ଭିଏଲଡବ୍ଲୁମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଆସନ୍ତା ପରବ କାର୍ଯ୍ୟକ୍ରମରେ ସରପଞ୍ଚମାନେ ଭାଗ ନେବେ ନାହିଁ ବୋଲି ନିଷ୍ପତ୍ତି ନେଇ୧୪ଟିଯାକ ପଞ୍ଚାୟତର ସରପଞ୍ଚମାନେ ମଙ୍ଗଳବାର ବିଡିଓ ଦେବାଶିଷ ଗୌଡ଼ଙ୍କୁ ଭେଟିଥିଲେ। ଆଲୋଚନା ବେଳେ ସେ ଏ ବିଷୟରେ କିଛି ଜାଣିନାହାନ୍ତି । ଆଗକୁ ଏମିତି ଭୁଲ ହେବ ନାହିଁ ବୋଲି ପ୍ରକାଶ କରି ବିଡିଓ ଗୌଡ ସରପଞ୍ଚମାନଙ୍କୁ ବୁଝାଇଥିଲେ। ସେମାନଙ୍କୁ ପରବରେ ସାମିଲ ହେବାକୁ ଅନୁରୋଧ କରିଥିଲେ।



ବିଡିଓଙ୍କ ସହ ସରପଞ୍ଚମାନେ ଆଲୋଚନା କରୁଛନ୍ତି।

# ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥ ଶୁଭାରମ୍ଭକଲେ ଜିଲାପାଳ

କୋରାପୁଟ,୭ା୧୧(ଅମିତାଭ ବେହେରା)

କୋରାପୁଟ ଜିଲାରେ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥକୁ ମଙ୍ଗଳବାର ଜିଲାପାଳ ଅବଦାଲ ଏମ୍. ଅଖତାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ୧୪ଟି ବ୍ଲକର ବିଭିନ୍ନ ଗ୍ରାମ ବୁଲି ବାହାର ରାଜ୍ୟକୁ ଯାଉଥିବା ଶ୍ରମିକମାନଙ୍କୁ ସଚେତନ କରାଇବ। ପ୍ରତ୍ୟେକ ଶ୍ରମିକଙ୍କୁ ବାହାର ରାଜ୍ୟକୁ ନେଉଥିବା ଠିକାଦାର ପ୍ରତ୍ୟେକଙ୍କୁ ଗୋଟିଏ ପରିଚୟପତ୍ର ଦେବା ଆବଶ୍ୟକ। ଏଥିରେ ଶ୍ରମିକଙ୍କ ସମସ୍ତ ବିବରଣୀ ରହିଥିବ ଶ୍ରମିକଙ୍କ ନାମ, ଫଟୋ, କାର୍ଯ୍ୟସ୍ଥାନ, ନିଯୁକ୍ତି, ପାଇବାକୁ ଥିବା ମଜୁରି, ମଜୁରି ଦେବା ପ୍ରଣାଳୀ, ସ୍ଥାନାନ୍ତର ଭତ୍ତା, ଫେରନ୍ତା ଭତ୍ତା, କାମରେ ନିଯୁକ୍ତି ହେବା ତାରିଖ, ସମୁଦାୟ ଉପସ୍ଥାନ, ଶ୍ରମିକଙ୍କ ନିଜ ସମ୍ପର୍କୀୟ, ଆତ୍ମୀୟଙ୍କ ନାମ ଠିକଣା ରହିବ। ଯେଉଁ ଠିକାଦାର ସେମାନଙ୍କୁ ନେଉଥିବେ ତାଙ୍କର ଲାଇସେନ୍ସ ଏବଂ ଶ୍ରମିକ ନେଉଥିବା ନେଇ ଅନୁମତି ପତ୍ର ଥିବା ଆବଶ୍ୟକ। ଯଦି କେହି ଶ୍ରମିକ ଶୋଷଣର ଶିକାର ହୁଅନ୍ତି ସଙ୍ଗେ ସଙ୍ଗେ ସମ୍ପୃକ୍ତ ରାଜ୍ୟର ଶ୍ରମ ଅଧିକାରୀ କିମ୍ବା ନିଜ ରାଜ୍ୟର ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରିବା, ଶିଶୁଙ୍କୁ ଖୁଆଇବା ପାଇଁ ଜଣେ ମହିଳା ଶ୍ରମିକଙ୍କୁ ଦିନକୁ ଦୁଇ ଥର ସମୟ ଦେବା, ପ୍ରବାସୀ ଶ୍ରମିକଙ୍କ ୬-୧୪ ବର୍ଷ ମଧ୍ୟରେ ସ୍କୁଲ ଯାଉଥିବା ପିଲାମାନଙ୍କର ପାଠପଢ଼ାର ସୁବ୍ୟବସ୍ଥା ନିମନ୍ତେ ଋତୁକାଳୀନ ଛାତ୍ରାବାସର ବ୍ୟବସ୍ଥା ନେଇ ଏହି ରଥ ପ୍ରତି ଗ୍ରାମକୁ ଗ୍ରାମ ବୁଲି ସଚେତନ କରିବ। ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଯୁଗ୍ମ ଶ୍ରମ କମିଶନର ନରେନ୍ଦ୍ର ରାଇକିଆ, ଜିଲା ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝି, ବୁଲୁ ଶ୍ରୀହରିଆଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଏବଂ ଶ୍ରମିକମାନେ ଉପସ୍ଥିତ ଥିଲେ।

# ମା ଗାଙ୍ଗମାଙ୍କ ମନ୍ଦିରରେ ପୂଜାର୍ଚ୍ଚନାରେ ହେବ କାର୍ଯ୍ୟକ୍ରମ ଉଦ୍‌ଘାଟନ

**୧୪ରେ ପଟ୍ଟାଙ୍ଗିରେ ବ୍ଲକସ୍ତରୀୟ ପରବ**

ପଟ୍ଟାଙ୍ଗି,୭ା୧୧(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ପରବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ପାଙ୍ଗୀ,ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ,ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ୍ , ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ବ୍ଲକ ଉପାଧକ୍ଷ ତ୍ରିନାଥ କଟା , ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜିଲା ପରିଷଦ ସଭ୍ୟ ଲଇଚନ ଖରା ଏବଂ ପୂର୍ବତନ ବ୍ଲକ ଅଧକ୍ଷ ଜଗତଜ୍ୟୋତି ପାଙ୍ଗୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଚଳିତ ବର୍ଷ ପରବ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ ହେବ ଏବଂ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ପରବ ମାଧ୍ୟମରେ ଲୋକଲୋଚନକୁ ଆସିବ ସେନେଇ ଆଲୋଚନା ହୋଇଥିଲା। ତେବେ ବ୍ଲକସ୍ତରୀୟ ପରବ ପାଳନ ପୂର୍ବରୁ କିପରି ପଞ୍ଚାୟତ ସ୍ତରରେ ପରବ ପାଳନ ହେବ ସେନେଇ ବିଡିଓ ପଟ୍ଟନାୟକ ଉପସ୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ସମୟରେ ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ପୁକାଲି ସରପଞ୍ଚ ତ୍ରିପତି ସାରା ଏବଂ ମାଲିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା ପ୍ରମୁଖ ପଞ୍ଚାୟତ ସ୍ତରରେ ପରବ କରା ନ ଯାଇ ଖାଲି ବ୍ଲକ ସ୍ତରରେ ପାଳନ କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ। ଏହାକୁ ଉପସ୍ଥିତ ସରପଞ୍ଚମାନେ ସମର୍ଥନକରି ବ୍ଲକସ୍ତରରେ ପରବ ପାଳନ କରାଗଲେ ସମସ୍ତ ପଞ୍ଚାୟତ ପ୍ରତିନିଧି ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ସେହି ଅନୁସାରେ ଆସନ୍ତା ୧୪ ଏବଂ ୧୫ ତାରିଖରେ ପରବ ପାଳନ ନିମନ୍ତେ ଧାର୍ଯ୍ୟ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବ ଗ୍ରାମଦେବୀ ମାଁ ଗାଙ୍ଗମାଁଙ୍କ ନିକଟରେ ପୂଜାର୍ଚ୍ଚନା ସହ କରାଯିବ। ପରେ ଜିଲାସ୍ତରରୁ ଆସିଥିବା ପରବ ମଶାଲ ମିନି ଷ୍ଟାଡିୟମକୁ ନିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ୧୪ରେ ସମସ୍ତ ପଞ୍ଚାୟତ ତଥା ବିଦ୍ୟାଳୟ ସ୍ତରରୁ ଚୟନ ହୋଇ ଆସିଥିବା ଖେଳାଳିଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ହେବ। ୧୫ରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଉକ୍ତ ଦୁଇଦିନ ପରବ ପଡିଆରେ ବ୍ଲକର ବିଭିନ୍ନ ବିଭାଗ ପକ୍ଷରୁ ୧୦ଟି ଷ୍ଟଲ୍ ଖୋଲାଯିବାକୁ ବିଡିଓ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ପରବ କାର୍ଯ୍ୟକ୍ରମ ପାଇଁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି , ସରପଞ୍ଚ , ସମିତିସଭ୍ୟା ସଭ୍ୟ ଓ ସରକାରୀ କର୍ମଚାରୀଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ଜିପିଓ ଦିବାକର ପୁରୋହିତ, ବିଏସ୍ଏସ୍ଓ ସୁଧୀର ସାହୁ ଏବଂ ଏପିଓ ସୌମେନ୍ଦ୍ର ନାୟକ ସହଯୋଗ କରିଥିଲେ। ବୈଠକରେ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭକରି ସମସ୍ତ ପଞ୍ଚାୟତର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ , ପିଇଓ , ଜିଆର୍‌ଏସ୍‌ଙ୍କ ସହ ଅନ୍ୟ ଭଦ୍ରବ୍ୟକ୍ତି ଉପସ୍ଥିତ ରହି ନିଜ ନିଜର ସହଯୋଗ ସମ୍ପର୍କରେ ମତପ୍ରକାଶ କରିଥିଲେ ।




ବୈଠକରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ଜବାପଦରକୁ ନେଇ ନୂତନ ପଞ୍ଚାୟତ ଗଠନ ଦାବି

ଜୟପୁର, ୭ା୧୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର କେରମିଟି ପଞ୍ଚାୟତକୁ ଭାଗକରି ଜବାପଦର ରୂପେ ନୂତନ ପଞ୍ଚାୟତ କରିବାକୁ ସୋମବାର ପଞ୍ଚାୟତବାସୀ ଉପଜିଲାପାଳଙ୍କୁ ଭେଟି ଦାବି କରିଛନ୍ତି। ଏହି ଅବସରରେ ସେମାନେ ତାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କୁନ୍ଦୁରା ବ୍ଲକର କେରମିଟି ପଞ୍ଚାୟତ ଅନ୍ତର୍ଗତ ୯ ଖଣ୍ଡ ଗ୍ରାମ ଜବାପଦର, କନ୍ଦାଉଜି, ଡୁମାପଦର, ଗମକା ପଦର, ବାନ୍ଦନପଦର, ଡୁଡୁମାଗୁଡ଼ା, ପାଣ୍ଡରିମାଠି, କେନ୍ଦୁପୁଟ, ଗୁଲିଗୁଡ଼ା ଗ୍ରାମ ସହ ଅନ୍ୟ ୧୦ ଖଣ୍ଡ ଗ୍ରାମକୁ ମିଶାଇ ମୋଟ ୧୯ ଗ୍ରାମ ଦ୍ୱାରା କେରମିଟି ଗ୍ରାମପଞ୍ଚାୟତ ଗଠିତ ହୋଇଛି । ଏହି ୯ ଖଣ୍ଡ ଗ୍ରାମବାସୀ କୋଲାବ ନଦୀ ପାରହୋଇ ବହୁ ଅସୁବିଧାର ସମ୍ମୁଖୀନ ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଛନ୍ତି। ଉକ୍ତ୯ ଖଣ୍ଡ ଗ୍ରାମରେ ୯ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ୬୧୨ଟି ଗୃହ ରହିଛି । ଭୋଟର ସଂଖ୍ୟା ୧୬୧୫ ରହିଥିବା ବେଳେ ୫୩୭ ଜଣ ରାଶନ ପାଉଥିବା ହିତାଧିକାରୀ ଅଛନ୍ତି। ୨୩୨ ଜଣ ଭତ୍ତା ପାଉଛନ୍ତି। ତେଣୁ ପ୍ରଶାସନ ନୂତନ ପଞ୍ଚାୟତ ଗଠନ କରିବାକୁ ପଦକ୍ଷେପ ନେବାକୁ ଦୁର୍ଯ୍ୟ ସାନ୍ତା, ଗୌରୀ ଶାନ୍ତା, ମନ ସାନ୍ତାଙ୍କ ସମେତ ୯ ଖଣ୍ଡ ଗ୍ରାମବାସୀ ଦାବି କରିଛନ୍ତି।

# ବିକାଶମୂଳକ କାର୍ଯ୍ୟ ସମୀକ୍ଷାକଲେ ଜିଲାପାଳ



ନିର୍ମାଣାଧୀନ କାର୍ଯ୍ୟ ବୁଲି ଦେଖୁଛନ୍ତି ଜିଲାପାଳ।

ଜୟପୁର, ୭ା୧୧ (ପବନ ପାଣିଗ୍ରାହୀ)

ଜୟପୁର ସହରରେ ମଙ୍ଗଳବାର ଜିଲାପାଳ ଅବଦୁଲ ଏମ୍. ଅଖତାର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜୟପୁରର ଐତିହାସିକ ଜଗନ୍ନାଥ ସାଗର, ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଅଡିଟରିୟମର ବିକାଶମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ଚାଲିଥିବା କାର୍ଯ୍ୟ ଶୀଘ୍ର ସାରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଆଇଏସ୍ ପ୍ରବେସନାର ସୌମ୍ୟରଞ୍ଜନ ପ୍ରଧାନ, ଉପଜିଲାପାଳ ପ୍ରଭାତ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଅଜୟ ଜାନି, ପ୍ରତାପ ଆଚାର୍ଯ୍ୟ, ବିଶ୍ୱବିଦ୍ୟାଳୟ କୁଳସଚିବ ଗୋପାଳ ହାଲ୍‌ଦାର, ମହିଳା ମହାବିଦ୍ୟାଳୟ ଅଧକ୍ଷାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାରଣାସ୍ତ୍ର, ପିସ୍ତଲ ଜବତ: ୭ ଗିରଫ

**ଡକାୟତି ଯୋଜନା ପଣ୍ଡ**

ଜୟପୁର, ୭ା୧୧ (ପବନ ପାଣିଗ୍ରାହୀ)

ଡକାୟତି ଯୋଜନା ଚାଲିଥିବା ବେଳେ ଏହାକୁ ଜୟପୁର ସଦର ପୋଲିସ ପଣ୍ଡ କରିଦେଇଛି। ଏଥିରେ ଜଡିତ ୭ ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉମୁରି ଗ୍ରାମର ନରେଶ ହରିଜନ, ମକାପୁଟର ସିମନ କୁମଝରିଆ, ନରେନ୍ଦ୍ର କୁମଝୋରିଆ, ଡେଭିଡ ନାଗ, ଲକ୍ଷ୍ମଣ ହରିଜନ, ଅମନ ନାଗ ଓ ବଡମଣ୍ଡାପଦର ଗ୍ରାମର ପ୍ରଦୀପ ଗଣ୍ଡ। ସମସ୍ତଙ୍କ ବୟସ ୧୯ରୁ ୩୨ ବର୍ଷ ମଧ୍ୟରେ ବୋଲି ଜଣାପଡିଛି। ଏମାନଙ୍କଠାରୁ ପୋଲିସ ଦେଶୀ ପିସ୍ତଲ, ଖଣ୍ଡା, ଫାର୍ସା, କୁରାଢ଼ି, ଲୁହା ପଞ୍ଚ, ବ୍ଲାକ ମାସ୍କ, ୯ ହାଜର ୧ ଶହ ଟଙ୍କା, ୭ଟି ମୋବାଇଲ ଫୋନ ଏବଂ ୨ଟି ବାଇକ୍ ଜବତ କରିଛି । ସଦର ପୋଲିସ ଆମ୍ବାଗୁଡାଠାରେ ପାଟ୍ରୋଲିଂ କରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ଡକାୟତି କୁମୁଲିପୁଟ ହାଟରେ ବସି ଯୋଜନା କରୁଥିବା ନେଇ ପୋଲିସ ସୂଚନା ପାଇଥିଲା। ସେମାନେ ହରଡାପୁଟ ପେଟ୍ରୋଲ ପମ୍ପରେ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରି ସେମାନଙ୍କୁ ଧରିଥିଲା ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।



# ମହାବିଦ୍ୟାଳୟରେ ବହୁରାଷ୍ଟ୍ରୀୟ ମୁଦ୍ରା ପ୍ରଦର୍ଶନୀ

କୋରାପୁଟ,୭ା୧୧(ଅମିତାଭ ବେହେରା)

କୋରାପୁଟ ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବହୁରାଷ୍ଟ୍ରୀୟ ମୁଦ୍ରା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଦୀପକ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଦ୍ରା ସଂଗ୍ରାହକ ମିତେଶ ରଞ୍ଜନ ସାହୁଙ୍କ ସଂଗୃହୀତ ୨୦୦୦ରୁ ଊର୍ଦ୍ଧ୍ୱ ମୁଦ୍ରା ଓ ୨୫୦୦ରୁ ଊର୍ଦ୍ଧ୍ୱ ନୋଟ୍ ପ୍ରଦର୍ଶିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ରହି ୧୬୦ରୁ ଊର୍ଦ୍ଧ୍ୱ ଦେଶର ମୁଦ୍ରାକୁ ଜାଣିବାର ସୁଯୋଗ ପାଇଥିଲେ। ପ୍ରଦର୍ଶନୀରେ ଭାରତର ବିଭିନ୍ନ ଗଡ଼ଜାତ ରାଜ୍ୟଗୁଡ଼ିକର ମୁଦ୍ରା ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଡ. କୁଳଦୀପ ଲାକ୍ରା, ଡ. ସୁଶୀଲ ଗଡ଼ନାୟକ, ସୁଜାତା ଷଡ଼ଙ୍ଗୀ, ଶିବରାମ ବଡରଇତ, ଅର୍ଜୁନ ଚରଣ ବେହେରା, କୋବିଦ ପ୍ରଧାନ ପ୍ରମୁଖ ଉପସ୍ଥିତି ରହି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଦେଶର ମୁଦ୍ରା ସମ୍ପର୍କରେ ବୁଝାଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ପ୍ରକାଶ ପ୍ରଧାନ ଏହି ପ୍ରଦର୍ଶନୀ ଆୟୋଜନ କରିଥିଲେ। ଅଧ୍ୟାପକ ଏମ୍. ଦୀପକ କୁମାର, ଶିବଶଙ୍କର ପଟ୍ଟନାୟକ, ଗୌତମୀ ବାଇ, ପ୍ରଜ୍ଞା ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ଅଧକ୍ଷ ସଂଗ୍ରାହକ ମିତେଶଙ୍କୁ ଉପଢୌକନ ପ୍ରଦାନକରି ସମ୍ମାନିତ କରିଥିଲେ।




ପ୍ରଦର୍ଶନୀରେ ମୁଦ୍ରା ପ୍ରଦର୍ଶିତ କରିଥିବା ଯୁବକଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

# ବଢୁଛି ଜୁଲୁକିଙ୍କ ଓଠରେ ମାଂସପିଣ୍ଡୁଳା

**ଅସ୍ତ୍ରୋପଚାର ପାଇଁ ନାହିଁ ସମ୍ବଳ**

ଦଶମନ୍ତପୁର,୭ା୧୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପରଜା ବେଡାପଦର ପଞ୍ଚାୟତ ସଦର ମହକୁମାର ଜଣେ ମହିଳାଙ୍କ ଓଠରେ ମାଂସ ପିଣ୍ଡୁଳା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଉଚ୍ଚତର ଚିକିତ୍ସା ଲାଗି ଅର୍ଥ ନ ଥିବାରୁ ସେ ଚିକିତ୍ସିତ ହୋଇପାରୁନାହାନ୍ତି। ସେ ହେଲେ ବେଡାପଦର ଗ୍ରାମର ଜୁଲିକି ଜାନି (୪୦)। ରାଶି ଜାନି ଓ ଭାଇରୀ ଜାନିଙ୍କ ଝିଅ ଜୁଲୁକିଙ୍କ ଅନ୍ୟ ଭଉଣୀଭାଇମାନେ ଅନ୍ୟତ୍ର ରହୁଥିବା ବେଳେ ସେ ମାଆବାପାଙ୍କ ପାଖରେ ରହୁଛନ୍ତି। କୁଲିଭୂତି କରି ପରିବାରରେ ସମସ୍ତେ ଚଳୁଛନ୍ତି। ନିଜ ଓଠରେ ମାଂସ ପିଣ୍ଡୁଳା ବଢୁଥିବା ସମ୍ପର୍କରେ ଜୁଲୁକି କହନ୍ତି, ପୂର୍ବରୁ ମୋ' ଓଠ ଠିକ୍ ଥିଲା। ତେବେ ଓଠ ପାଖରେ ପ୍ରଥମେ ଏକ ଛୋଟ ଘା' ହୋଇଥିଲା। ଛୋଟ ଘା'ଟିଏ ଭାବି ପରିବାରରେ କେହି ଗୁରୁତ୍ୱ ଦେଇ ନ ଥିଲୁ। ଘରେ ଅଭାବ ଲାଗି ରହିଥାଏ। ଡାକ୍ତରଖାନା ଯାଇ ଚିକିତ୍ସା କରିବାକୁ ପାଖରେ ଅର୍ଥ ନ ଥାଏ। କ୍ରମେ ମାସକୁ ମାସ ଓଠର ଏହି ଘା' ବଢିବାକୁ ଲାଗିଲା। ଏବେ ଏହି ଘା'ଟି ମାଂସ ପିଣ୍ଡୁଳାର ରୂପ ନେଇ ବଢିବାରେ ଲାଗିଛି। ଏଥିଯୋଗୁ ତାଙ୍କର ଖାଇବା ସହ କଥା ହେବାରେ ସମସ୍ୟା ସୃଷ୍ଟି ହେଉଛି। ଓଠର ଏହି ମାଂସ ପିଣ୍ଡୁଳା ପାଇଁ ସେ ବିବାହ କରିପାରୁନାହାନ୍ତି। ଅନେକ ବିବାହ ପ୍ରସ୍ତାବ ଆସୁଥିଲେ ମଧ୍ୟ ତାଙ୍କ ଓଠର ଏହି ମାଂସପିଣ୍ଡୁଳା ଯୋଗୁ ପ୍ରସ୍ତାବମାନ ଭାଙ୍ଗିଯାଉଛି ବୋଲି କହନ୍ତି ଜୁଲୁକି। କେହି ସହୃଦୟ ବ୍ୟକ୍ତି କିମ୍ବା ପ୍ରଶାସନ ପକ୍ଷରୁ ସହାୟତା ମିଳିଲେ ଝିଅ ଓଠର ଅସ୍ତ୍ରୋପଚାର କରିପାରନ୍ତେ ବୋଲି କହନ୍ତି ତାଙ୍କ ବାପା ରାଶି। ଏହି ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଜୁଲୁକି।

# ନୃତ୍ୟ,ଗୀତ ସହ ଶୋଭାଯାତ୍ରା ହେବ ମୁଖ୍ୟ ଆକର୍ଷଣ

**ପରବ ପ୍ରସ୍ତୁତି ବୈଠକ**

ଦଶମନ୍ତପୁର,୭ା୧୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକସ୍ତରୀୟ ପରବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମିଳନ କୁମାର ଝଙ୍କରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ବ୍ଲକ ଅଧକ୍ଷା ପୂର୍ଣ୍ଣିମା ଜାନି ସଭାପତିତ୍ୱ କରିଥିଲେ। ବିଏସ୍ଏସ୍ଓ ଗୌରାଙ୍ଗ କଅଁର ପରିଚାଳନା କରିଥିଲେ। ବ୍ଲକ ଉପାଧକ୍ଷ ଅରୁଣ ଚେଟି, ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ, ଥାନା ଅଧିକାରୀ ସୁକୁମା ହାଁସଦା, ବିଇଓ ଦୟାସିନ୍ଧୁ ବାଘ, ବିଧାୟକ ପ୍ରତିନିଧି ନାରାୟଣ ବିଶୋୟୀ, ଡା.ପାର୍ଥସାରଥି ପଣ୍ଡା, ସହକାରୀ ଯନ୍ତ୍ରୀ ଅଭିଷେକ ଷଡଙ୍ଗୀ, କଂଗ୍ରେସ ନେତା ବେଣୁଧର ପାତ୍ର, ରିତେଶ ମହାପାତ୍ର, ଜିଲା ପରିଷଦ ସଭ୍ୟାସଭ୍ୟ, ସମିତି ସଭ୍ୟାସଭ୍ୟ, ସରପଞ୍ଚ, ପିଇଓଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସଫଳତାର ସହ ବ୍ଲକସ୍ତରୀୟ ପରବ ପାଳନ କରାଯାଇ ପଞ୍ଚାୟତ ସ୍ତରରୁ ଲୁକ୍କାୟିତ ପ୍ରତିଭାଙ୍କୁ ଚିହ୍ନଟକରି ବ୍ଲକ ଏବଂ ଜିଲାସ୍ତରରେ ପ୍ରତିଭା ପ୍ରଦର୍ଶନ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସକାଳ ୮ଟାରେ ସ୍ଥାନୀୟ ମା' ଖମ୍ବେଶ୍ୱରୀଙ୍କ ପୀଠରୁ ଏକ ଶୋଭାଯାତ୍ରା ପରବ ପଡିଆକୁ ଆସିବ। ପ୍ରତ୍ୟେକ ସରକାରୀ ଓ ବେସରକାରୀ ବିଭାଗ ପକ୍ଷରୁ ପରବ ପଡିଆରେ ଷ୍ଟଲ୍‌ମାନ ଖୋଲାଯିବ। ପଞ୍ଚାୟତରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଢେମସା, ସଙ୍ଗୀତ, ନୃତ୍ୟ, ଭଲିବଲ୍, ଫୁଟ୍‌ବଲ ଆଦି ପ୍ରତିଯୋଗିତା କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ପରବ ନାମକୁ ମାତ୍ର କରାଯାଉଛି ବୋଲି ସରପଞ୍ଚ ସଂଘ ପକ୍ଷରୁ ଅଭିଯୋଗ କରାଯାଇ ବିରୋଧ କରାଯାଇଥିଲା। ବୈଠକରେ ସରପଞ୍ଚମାନେ ଅସନ୍ତୋଷ ପ୍ରକାଶ କରିଥିଲେ।



ବ୍ଲକସ୍ତରୀୟ ପରବ ପାଳନ ନେଇ ବସିଥିବା ବୈଠକ।

